# ଜିଏମ୍ଆର୍ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର

ଢେଙ୍କାନାଳ, ୨୨।୯ (ସ.ପ୍ର.) : ଓଡ଼ାପଡ଼ା ବ୍ଲକ କମଳାଙ୍ଗସ୍ଥିତ ଜିଏମଆର୍ କମଳାଙ୍ଗ ଏନର୍ଜି ଲିଃ (ଜିକେଇଏଲ) ପକ୍ଷରୁ ଏକ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯାଇଛି। ଏଥିରେ ସ୍ଥାନୀୟ




କମଳାଙ୍ଗ ଓ ମଙ୍ଗଳପୁର ଗ୍ରାମପଞ୍ଚାୟତର ୨୦୯ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ମାଗଣା ଔଷଧ ଦିଆଯାଇଥିଲା। କଟକସ୍ଥିତ ମେଲଭିସ୍ ଜୋନ୍ସ ଲାୟନ୍ସ ଚକ୍ଷୁ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ଏହି ଶିବିର ଆୟୋଜନ କରାଯାଇଥିଲା। ସକାଳ ୧୧ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଏହି ଶିବିର ଚାଲୁ ରହିଥିଲା। ଏହି ଶିବିରକୁ ଜିକେଇଏଲର ସିଓଓ ରମେଶ ଆର୍‌ପାଇ ଉଦ୍‌ଘାଟନ କରିଥିଲେ। ଜିଏମ୍ଆର୍ ଭରଲକ୍ଷ୍ମୀ ଫାଉଣ୍ଡେସନ୍ କର୍ମଚାରୀମାନେ ଏହି ଶିବିରକୁ ପରିଚାଳନା କରିଥିଲେ। ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳର ଶିକ୍ଷା ଓ ସ୍ୱାସ୍ଥ୍ୟକୁ ଅଧିକ ସୁଦୃଢ଼ କରିବାପାଇଁ କମ୍ପାନୀ ତରଫରୁ ଅନେକ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଶ୍ରୀ ପାଇ କହିଛନ୍ତି।